# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ପିତର ଓ ପ୍ରାର୍ଥନାର ଶକ୍ତି



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest
Alastair Paterson
ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପିତର ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବାକୁ ସାରା ଦେଶ ଭ୍ରମଣ କଲେ । ଦିନକରେ, ଲୂଦ ନାମକ ନଗରରେ, ସେ ଏକ ପକ୍ଷାଘାତ ରୋଗିଙ୍କର ଦେଖା ପାଇଲେ । ତାଙ୍କୁ ପକ୍ଷାଘାତ ରୋଗ ପ୍ରାୟ ଆଠ ବର୍ଷ ହେଇଥିଲା ।





ଯୀଶୁଖ୍ରୀଷ୍ଟ ତୁମ୍ଭକୁ ସୁସ୍ଥ କଲେ, ଉଠ
ତୁମ୍ଭର ଶେଜ ସଜାଡ଼, ପିତର
ତାହାଙ୍କୁ କହିଲେ । ତତ୍‌କ୍ଷଣାତ୍
ସେ ଉଠିଲେ । ଯେଉଁ ଲୋକମାନେ
ତାହା ଦେଖିଲେ ସେମାନେ
ସଦାପ୍ରଭୁଙ୍କ ନିକଟକୁ
ଫେରିଲେ ।

ଯାଫ ନାମକ ଏକ ନିକଟତର  ନଗରର
ଲୋକମାନେ ଦୁଃଖରେ ଥିଲେ, ଏକ ସ୍ତ୍ରୀ
ଯାହାର ନାମ ଦର୍କା ସେ ଯୀଶୁଙ୍କ ବିଶ୍ୱାସି
ଥିଲେ । ସେହିସମୟରେ ସେ ପିଡ଼ିତା ହୋଇ
ପ୍ରାଣତ୍ୟାଗ କଲେ ।



ଦୁଃଖରେ ତାଙ୍କର ବନ୍ଧୁମାନେ ତାହାର
ଶରିରର ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତ
କଲେ, ତାହାପରେ ସେମାନେ ତାହାକୁ
ଉପର କୋଠରିରେ ଶୁଆଇଦେଲ ।





କିନ୍ତୁ, ଦର୍କାର ବନ୍ଧୁମାନେ ପିତର
ନିକଟରେ ଅଛନ୍ତି ବୋଲି ଶୁଣି
ତାହାଙ୍କ ନିକଟକୁ ଲୋକ ପଠାଇ
କହିଲେ ଆମ୍ଭମାନଙ୍କ ନିକଟକୁ
ଆସିବାକୁ ବିଳମ୍ବ କରନ୍ତୁ ନାହିଁ ।
ଯେତେବେଳେ ପିତର ଉପର
କୋଠରିକୁ ଗଲେ, ଆଉ
ବିଧବାମାନେ
ସମସ୍ତେ ତାଙ୍କୁ ଘେରି
ବିଳାପ କରୁ କରୁ ଦର୍କା



ସେମାନଙ୍କ ସଙ୍ଗରେ ଥିବା
ସମୟରେ ଯେଉଁସବୁ
ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ
ବନାଇଥିଲେ ସେହିସବୁ
ଦାଖାଇବାକୁ ଲାଗିଲେ ।
ସମସ୍ତେ ବିଳାପ
କରୁଥିଲେ ।

କିନ୍ତୁ ପିତର ସମସ୍ତଙ୍କୁ ବାହାର କରିଦେଇ, ଆଣ୍ଠୁମାଡ଼ି ପ୍ରାର୍ଥନା କଲେ । ପୁଣି ଶବ ଆଡ଼କୁ ବୁଲିପଡ଼ି କହିଲେ, ଦର୍କା ଉଠ । ସେଥିରେ ସେ ତାହାର ଆଖି ମେଲା କଲା, ଓ ପିତରଙ୍କୁ ଦେଖି ସେ ଉଠି ବସିଲା ।





ସେ ହାତଦେଇ ତାଙ୍କୁ
ଉଠାଇଲେ, ଏବଂ
ସାଧୁମାନଙ୍କୁ ଓ ବିଧବା
ମାନଙ୍କୁ ଡାକି ତାଙ୍କୁ
ଜୀବୀତ ଦେଖାଇଲେ ।
ଏହିକଥା ଯାଫୋର
ସବୁଆଡ଼େ ଜଣାପଡ଼ିଲା ଓ
ଅନେକେ ପ୍ରଭୁଙ୍କଠାରେ
ବିଶ୍ୱାସ କଲେ ।


ପିତର ଅନେକ ଦିନ ପ୍ରଯ୍ୟନ୍ତ ଯାଫୋରେ ବାସ କଲେ, ସେ
ସମୁଦ୍ର କୂଳରେ ଥବା ଏକ ଗୃହରେ ରହିଲେ । ଦିନେ
ପିତର ପ୍ରାର୍ଥନା କରିବା ନିମନ୍ତେ
ଛାତ ଉପରକୁ ଗଲେ ।

ଯଦି ସେ ନଗର ଆଡ଼କୁ ଚାହିଁଥାନ୍ତେ ତେବେ ସେହି ତିନଜଣଙ୍କୁ ଦେଖି ପାରିଥାଆନ୍ତେ ଯେଉଁମାନେ ତାହାଙ୍କର ସଂନ୍ଧାନରେ ଆସୁଥିଲେ ।



ଏହି ଲୋକମାନେ ରୋମିୟ ସୈନିକ କର୍ଣ୍ଣୀଲୀୟର ଦାସମାନେ ଥିଲେ । କର୍ଣ୍ଣୀଲୀୟ ସଦାପ୍ରଭୁଙ୍କର ଉପାସକ ଥିଲେ ।

କର୍ଣ୍ଣୀଲୀୟ ତାଙ୍କ ଦାସମାନଙ୍କୁ ପିତରଙ୍କ ଅନ୍ୱେଷଣ କରିବାକୁ ପ୍ରେରଣ କଲେ କାରଣ ଜଣେ ଦୂତ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, ପିତରଙ୍କ ଡକାଇ ଆଣ ।



ସେ ଶିମୋନ ନାମକ ଜଣେ ଚର୍ମକାରଙ୍କ ଅତିଥି ସ୍ୱରୂପେ ବାସ କରୁଅଛନ୍ତି ।



ଯାହାର ଘର ସମୁଦ୍ର କୂଳରେ । ସେ ତୁମ୍ଭକୁ ଜଣାଇବେ କଅଣ କରିବାକୁ ହେବ ।

ଯେତେବେଳେ ପିତର ଛାତ ଉପରେ ପ୍ରାର୍ଥନା କରୁଥିଲେ, ସଦାପ୍ରଭୁ ତାହାଙ୍କୁ ଏକ ଦର୍ଶନ ଦେଲେ । ଆକାଶ ଉନ୍ମୁକ୍ତ ହୋଇଅଛି ପୁଣି ଗୋଟିଏ



ପାତ୍ର ତିଳକୁ ଆସୁଅଛି ଯେପରି ଗୋଟିଏ ବଡ଼ ଚ଼ାଦର ଚ଼ାରି କୋଣରେ ଧରାହୋଇ ପୃଥିବି ଉପରକୁ ଖସାଇ ଦିଆଯାଉଛି ।

ସେଥିରେ ପୃଥିବିର ସର୍ବପ୍ରକାର ଚ଼ତୁଷ୍ପଦ ପ୍ରାଣୀ, ସରୀସୃପ ଓ ଆକାଶର ପକ୍ଷୀ ଗୁଡ଼ିକ ଅଛନ୍ତି । ପିତର ଯାହାକୁ ଅସୁଚ଼ି କହିପାରନ୍ତି । ତାହାର



ତାତ୍ପର୍ଯ୍ୟ ହେଲା ଯେ ଧର୍ମୀୟ ଯିହୁଦୀ ମାନଙ୍କୁ ତାହା ଭୋଜନ କରିବା ଅନୁମତି ନ ଥିଲା ।

ତାଙ୍କପ୍ରତି ଏହି ବାଣି ହେଲା ହେ ପିତର ଉଠ, ବଧ କରି ଭୋଜନ କର ।

ନାହିଁ ପ୍ରଭୁ, ପିତର ସଦାପ୍ରଭୁଙ୍କୁ କହିଲେ । ମୁଁ କେବେହେଲେ କୌଣସି ଅପବିତ୍ର ଓ ଅଶୁଚି ପଦାର୍ଥ ଭୋଜନ କରିନାହିଁ । ପିନଷ୍ଟ ଦ୍ୱୀତୀୟ ଥର ତାଙ୍କପ୍ରତି ଏହି ବାଣି ହେଲା । ଈଶ୍ୱର ଯାହା ଶୁଚି କରିଅଛନ୍ତି ତାହା ତୁମେ ଅଶୁଚ୍ ବୋଲି ନ କୁହ । ଏହି ପ୍ରକାର ତିନିଥର ହେଲା । ଆଉ ତତ୍କ୍ଷଣାତ୍ ସେହି ପାତ୍ରଟି ଆକାଶକୁ ଉଠାଇ ନିଆଗଲା ।



ପିତର ଯେଉଁ ଦର୍ଶନ ପାଇଥିଲେ, ସେଥିର ତାତ୍ପର୍ଯ୍ୟ କଅଣ
ତାହା ଭାବି ସେ ହତବୁଦ୍ଧି ହେଉଥିବା ସମୟରେ ଆତ୍ମା
ତାଙ୍କୁ କହିଲେ ଦେଖ ତିନଜଣ ଲୋକ ତୁମକୁ
ଖୋଜୁଅଛନ୍ତି ଉଠ ସେମାନଙ୍କ
ସଂଙ୍ଗରେ ଯାଅ ।



ଯେତେବେଳେ ତିନିଜଣ ସେହି ପବିତ୍ର ଦୂତଙ୍କ ପ୍ରତ୍ୟାଦେଶ ପାଇଅଛନ୍ତି ତାହା ଜଣାଇଲେ, ସେତେବେଳେ ପିତର ଜାଣିପାରିଲେ ସଦାପ୍ରଭୁ ତାଙ୍କୁ ଆଗେଇ ନେଉଛନ୍ତି ।

ତିହିଁ ଆରଦିନ ସେ ଉଠି ଅନ୍ୟ ଛଅଜଣ ସାଥିଙ୍କ ନେଇ



ସେମାନଙ୍କ ସହିତ କର୍ଣ୍ଣୀଲୀୟଙ୍କ ଗୃହକୁ ପ୍ରସ୍ଥାନ କଲେ ।



ହୋଇପାରେ, ସେ ଯେ ଏକ
ଅଣ-ଯିହୁଦୀୟ ଗୃହକୁ ଯାଉଅଛନ୍ତି,
ସେତେବେଳେ ପିତର ବୁଝିପାରିଲେ
ସଦାପ୍ରଭୁ ସମସ୍ତଙ୍କୁ ସ୍ନେହ କରନ୍ତି ।
ସଦାପ୍ରଭୁ ଚ଼ାହାନ୍ତି ସମସ୍ତ ଜାତି ଜାଣନ୍ତୁ
ଯେ ଯୀଶୁ ଜଗତର ଉଦ୍ଧାକର୍ତ୍ତା ଅଟନ୍ତି ।
ପିତର ପ୍ରବେଶ କରନ୍ତେ କର୍ଣ୍ଣୀଲୀୟ
ତାଙ୍କୁ ଭେଟି ଚ଼ରଣ ତଳେ ପଡ଼ି ତାଙ୍କୁ
ପ୍ରଣାମ କଲେ ।

୨୦ । ମୁଁ ମଧ୍ୟ ଜଣେ ମନୁଷ୍ୟ, ପିତର କର୍ଣ୍ଣୀଲୀୟଙ୍କୁ କହିଲେ । ଆଉ ସେ ଗୃହର ସମସ୍ତ ଲୋକଙ୍କୁ କହିଲେ, କୌଣସି ଲୋକ ସଂଙ୍ଗରେ ମିଶିବା କିମ୍ବା ତାହା ପାଖକୁ ଯିବା ଯିହୁଦୀ ଲୋକ ପକ୍ଷରେ କିପରି ବିଧିସଂଗତ

ନୁହେଁ ।



କିନ୍ତୁ କୌଣସି ଲୋକକୁ ଅପବିତ୍ର କିମ୍ବା ଅଶୁଚି ବୋଲି ନ କହିବାକୁ ଈଶ୍ୱର ମୋତେ ଦେଖାଇଅଛନ୍ତି ।



ପିତର ସେହି ବିଜାତୀୟ ଲୋକମାନଙ୍କୁ କହିଲେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ସେ କ୍ରୁଶରେ ହତ ହେଲେ ଆଉ ମୃତ୍ୟୁରୁ ଉଠି ଜଗତର ଉଦ୍ଧାରକର୍ତ୍ତା ହେଲେ । ତାହାପରେ ପବିତ୍ର ଆତ୍ମା ସେ ସମସ୍ତଙ୍କ ଉପରେ ଅବତରଣ କଲେ ଏବଂ ସେ ସମସ୍ତେ ଈଶ୍ୱରଙ୍କ ସହିମା କଲେ ।



ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସିମାନେ ସମସ୍ତେ ଆଚମ୍ବିତ ହେଲେ । ଏହା ମଧ୍ୟ ପେଣ୍ଟିକଷ୍ଟ ଦିବସ ପରି ହେଲା । ଇଶ୍ୱର ବିଜାତି ମାନଙ୍କ ଉପରେ ଶୁଦ୍ଧା ପବିତ୍ର ଆତ୍ମା ଦାନ କରିନ୍ତି । ତାହାପରେ ପିତର ସେହି ନୂତନ ବିଶ୍ୱାସିମାନଙ୍କୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଦେଲେ ।



ପିତର ବିଜାତୀୟ ମାନଙ୍କ ନିକଟକୁ ଯିବାହେତୁରୁ ଯିରୁଶାଲମରେ ସୁନ୍ନତ ବିଶ୍ଵାସିମାନେ ପିତରଙ୍କ ସହିତ ବିବାଦ କଲେ । କିନ୍ତୁ ପିତର ପ୍ରାରଥନାରେ ଦର୍ଶନ ପାଇଥିବା କଥା ଓ କର୍ଣ୍ଣୀଲୀୟ ଦେଖିଥିବା ଦର୍ଶନ ବିଷୟରେ ମଧ୍ୟ

ସେମାନେଙ୍କୁ

ଜଣାଇଲେ ।



ଏହି ସମସ୍ତ କଥା ଶୁଣିବାରୁ ସେମାନେ ନିରୁତ୍ତର ହେଲେ ଓ ଈଶ୍ୱରଙ୍କର ପ୍ରଶଂସା କରି କହିଲେ, ତେବେ ଈଶ୍ୱର ବିଜାତି ମାନଙ୍କୁ ମଧ୍ୟ ଜୀବନ ପ୍ରାପ୍ତି ନିମନ୍ତେ ମନ ପରିବର୍ତ୍ତନ ଦାନ କରିଅଛନ୍ତି ।



ପିତର ଓ ପ୍ରାର୍ଥନାର ଶକ୍ତି

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୯-୧୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬